**୨୮ରେ ଜଳେଶ୍ୱର ମହୋତ୍ସବ**

**ଜଳେଶ୍ୱର, (ଡି.ଏନ.ଏ.):** ଆସନ୍ତା ୨୮ ତାରିଖରୁ ଜଳେଶ୍ୱର ମହୋତ୍ସବ ଆରମ୍ଭ ହେବ ବୋଲି ଉତ୍ସବ କମିଟି ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ କୁହାଯାଇଛି। ଉତ୍ସବ କମିଟି ପକ୍ଷରୁ ଆୟୋଜିତ ସଭାରେ ସଭାପତି ଆଇନ୍‌ଜୀବୀ ସତ୍ୟସୁନ୍ଦର ଦାସ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ. ଅଜିତ୍ କୁମାର ମହାନ୍ତି ଉତ୍ସବ ସମ୍ପର୍କରେ ଘୋଷଣା କରିଥିଲେ। ସଭାରେ ପ୍ରବୀର କୁମାର ପ୍ରଧାନ, ମାନସ ଜେନା, ନିତ୍ୟଗୋପାଳ ଦାସ, ଦେବୀପ୍ରସନ୍ନ ଚନ୍ଦ, ଶିଶିର ହୁଇ ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ବାଲେଶ୍ୱର

- ବିଶ୍ୱ-ତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାର'ର ଷୋଡ଼ଶ ପ୍ରତିଷ୍ଠା ଦିବସ ଓ କବି ବ୍ରଜନାଥ ରଥଙ୍କ ୮୮ତମ ଜୟନ୍ତୀ ତଥା 'ବ୍ରଜନାଥ ରଥ ସାରସ୍ୱତ ସମ୍ମାନ' ପ୍ରଦାନ ସମାରୋହ, ସ୍ଥାନ: ସୁନହଟ, ସମୟ: ପୂର୍ବାହ୍ନ ୧୦ଟା।
- ପଥ ବିକ୍ରେତା ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ ଅଫିସ୍ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ୍।
- ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀ, ସ୍ଥାନ: ଜେଲ ରୋଡ୍, ସମୟ: ସନ୍ଧ୍ୟା ୬ଟା ୩୦ମିନିଟ୍।

## ସଂକ୍ଷେପରେ

### ବଧୂହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

**ପଦ୍ମପୁର,୧୧।୧(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ୍ ଅଧୀନ ନାୟକାଣିଡ଼ିହୀ ପୋଲିସ ବଧୂହତ୍ୟା ଅଭିଯୋଗରେ କିସ୍ମତ କୃଷ୍ଣପୁର ଗ୍ରାମର ନିରଞ୍ଜନ ମୁଦୁଲିକୁ ଗିରଫ କରିଛି। ଗତ ସୋମବାର ଶୁଭଲକ୍ଷ୍ମୀ ସାହୁ ନାମ୍ନୀ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଥିଲା। ସେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶ୍ୱଶୁର ଘର ଲୋକେ କହିଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମଙ୍ଗଳବାର ମୃତ ମହିଳାଙ୍କ ବାପା ବାସୁଦେବ ସାହୁ ତାଙ୍କ ଝିଅକୁ ଶ୍ୱଶୁର ଘର ଲୋକେ ମାରି ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୁକ୍ତ ସ୍ୱାମୀ ନିରଞ୍ଜନକୁ ପୋଲିସ ଗିରଫ କରି ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ ୫/୨୩) ରୁଜୁ କରି ଥାନାଧିକାରୀ ସୁଶାନ୍ତ ମିଶ୍ର ଘଟଣାର ତଦନ୍ତ କରୁଛନ୍ତି।

### ୫ରୁ ଉଦଳା ସରସ୍ୱତୀ ମେଳା

**ଉଦଳା,୧୧।୧(ଡି.ଏନ.ଏ.):** ଆସନ୍ତା ଫେବୃୟାରୀ ୫ରୁ ଆରମ୍ଭ ହେବ ଐତିହାସିକ ଉଦଳା ସରସ୍ୱତୀ ମେଳା। ଏନେଇ ସରସ୍ୱତୀ ମନ୍ଦିର କମିଟି ପକ୍ଷରୁ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ସନ୍ତୋଷ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ରବୀନ୍ଦ୍ର ପରିଡ଼ାଙ୍କ ସମେତ କମିଟି ସଦସ୍ୟ ଏବଂ ସ୍ଥାନୀୟ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଏହି ଅବସରରେ ଆସନ୍ତା ୨୬ ତାରିଖରେ ହେବାକୁ ଥିବା ଶ୍ରୀ ପଞ୍ଚମୀ ବା ସରସ୍ୱତୀ ପୂଜାକୁ କିପରି ଶୃଙ୍ଖଳାର ସହିତ ପାଳନ କରାଯିବ ତାହା ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶାରେ ଥିବା ଏକମାତ୍ର ସରସ୍ୱତୀ ମନ୍ଦିର ଉଦଳା ବାଣୀପୀଠରେ ଏହି ପୂଜାକୁ କିପରି ସମାପନ କରାଯିବ ଏବଂ ମା' ଙ୍କର ନୀତିକାନ୍ତି ଅନୁସାରେ ସମସ୍ତ ପୂଜାବିଧି ସମ୍ପାଦନ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ୧୨ ଦିନ ଧରି ଏହି ମେଳା ଆୟୋଜିତ ହେବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି କ୍ଷୀରୋଦ ରଞ୍ଜନ ମହାନ୍ତି, ବସନ୍ତ କୁମାର ପରିଡ଼ା, ସନ୍ତୋଷ କୁମାର ବାଛିନି, ହିମାଦ୍ରୀ ଶେଖର ପାଲଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

### ପିସିପୁର ହାଇସ୍କୁଲର ବାର୍ଷିକୋତ୍ସବ

**ମୋରଡ଼ା,୧୧।୧(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଜୁଆଳିଭଙ୍ଗା ପଞ୍ଚାୟତରେ ଥିବା ପିସିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟଚନ୍ଦ୍ର ବେହେରା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବାୟୁସେନା ଅଧିକାରୀ ଜନାର୍ଦ୍ଦନ ମହାନ୍ତ, ମୁଖ୍ୟ ବକ୍ତା ଭାବେ ଉପେନ୍ଦ୍ରନାଥ ଘୋଷ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତ,ପୂର୍ବତନ ଶିକ୍ଷକ ଛତିଶ ଚନ୍ଦ୍ର ମହାନ୍ତ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ସେହିପରି ବାଳକ ବିଭାଗରେ ସିପୁନ ମହାନ୍ତ, ବାଳିକା ବିଭାଗରେ ସୁନିତା ଟୁଡୁ ଏବଂ ଶ୍ରେଷ୍ଠ ଭଲେଣ୍ଟିୟର ଭାବେ ରାମ ମାରାଣ୍ଡିଙ୍କୁ ପୁରସ୍କୃତ କରାଯାଇଥିଲା।

### ଗଛକୁ ଧକ୍କାଦେଲା ସ୍କୁଟି, ଆରୋହୀ ଗୁରୁତର

**ପାଟଣା,୧୧।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା କେନ୍ଦେଇପଶି ରାସ୍ତାର ବାଦୁଡ଼ିଘେରା ନିକଟରେ ବୁଧବାର ଏକ ସ୍କୁଟି ଗଛକୁ ଧକ୍କା ଦେଇଛି। ଫଳରେ ଜଣେ ଗୁରୁତର ହୋଇ ପାଟଣା ଗୋଷ୍ଠୀ ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ସ୍କୁଟି ଆରୋହୀ ଜଣକ ହେଲେ ପାଟଣା ବ୍ଲକ୍ ଟାଙ୍ଗରପଡ଼ା ପଞ୍ଚାୟତ ଧଉଳି ସାହିର ଶଙ୍କର ମୁଣ୍ଡା (୨୨)। ସେ ସ୍କୁଟି ଯୋଗେ ପାଟଣାରୁ ଟାଙ୍ଗରପଡ଼ାକୁ ଫେରୁଥିଲେ। ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଆକାଶିଆ ଗଛକୁ ଧକ୍କା ଦେଇଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀ ତାଙ୍କୁ ଉଦ୍ଧାର କରି ପାଟଣା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

# କୁଲଡିହାରେ ୩ ପ୍ରଜାତିର ବିଦେଶୀ ପକ୍ଷୀ

**ନୀଳଗିରି, ୧୧।୧(ସ୍ୱ.ପ୍ର.)**

ପ୍ରତିବର୍ଷ ବିଭିନ୍ନ ପ୍ରଜାତିର ପକ୍ଷୀ ଖାଦ୍ୟ ଅନ୍ୱେଷଣରେ ମାଇଲ ମାଇଲ ବାଟ ଅତିକ୍ରମ କରି ବାଲେଶ୍ୱର ଜିଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟକୁ ଆସିଥାନ୍ତି। ଏହି ପକ୍ଷୀମାନଙ୍କ ସୁରକ୍ଷା, ସେମାନେ କେଉଁ ପ୍ରଜାତିର ଓ ତାଙ୍କର ଗତିବିଧିକୁ ଜାଣିବା ପାଇଁ ପ୍ରତିବର୍ଷ ପକ୍ଷୀଗଣନା କାର୍ଯ୍ୟକ୍ରମ କରାଯାଇଥାଏ। ଚଳିତବର୍ଷ ମଧ୍ୟ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପକ୍ଷୀଗଣନା ଆରମ୍ଭ ହୋଇଛି। କୁଲଡିହାକୁ ୩ପ୍ରଜାତିର ବିଦେଶୀ ପକ୍ଷୀ ଗ୍ରେହେଡେଡ୍ ଫିସ ଇଗଲ, ଗ୍ରେହେଡେଡ୍ ଲାପୁଇଂ, ବ୍ଲାକ ହେଡେଡ୍ ଆଇବିସ ଆସିଥିବା ବିଭାଗ ପକ୍ଷରୁ କୁହାଯାଇଛି।

ବାଲେଶ୍ୱର ଡିଏଫ୍‌ଓଙ୍କ ନିର୍ଦ୍ଦେଶ ଓ କୁଲଡିହା ରେଞ୍ଜ ଅଧିକାରୀ ଅନନ୍ତ କୁମାର ଜେନାଙ୍କ ନେତୃତ୍ୱରେ ଅଭୟାରଣ୍ୟ



କୁଲଡ଼ିହାରେ ପକ୍ଷୀଗଣନା ଟିମ୍।

ଭିତରେ ଥିବା ରିଷିୟା ଡ୍ୟାମ, ବୁଗାଳିବନ୍ଧ, ଖୁମକୁଟ, ସିନ୍ଧୁଆ, ତେଣ୍ଡା ସାତଘାଟି ଡ୍ୟାମ୍‌ରେ ପକ୍ଷୀଗଣନା ପାଇଁ ୪ଟି ଟିମ୍ ଦ୍ୱାରା ବୁଧବାର ପୂର୍ବାହ୍ନ ୬ଟାରୁ ପକ୍ଷୀଗଣନା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପକ୍ଷୀ ବିଶେଷଜ୍ଞ ମନୋରଞ୍ଜନ ଦାସ, ସାମାଜିକ କର୍ମୀ ଅସିତ୍ ପ୍ରଧାନ, ସୁରେଶ କୁମାର ଭୋଳ, ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଶୁଭସ୍ମିତା ମଲ୍ଲିକ, ପାଏଲ୍ ଜେନା ଓ ଭୁବନେଶ୍ୱର ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟରୁ ଅର୍ପିତା ଘୋଷ, ଅଙ୍କିତା ଦାସ, ସଙ୍ଗୀତା ଦାସ ନାମକ ଛାତ୍ରୀଛାତ୍ରଙ୍କ ସହ ଫରେଷ୍ଟର ଉମାକାନ୍ତ ଜେନା, ଭାଗ୍ୟଶ୍ରୀ ଦ୍ୱିବେଦୀ, ପଦ୍ମାବତୀ ବେହେରା ଓ ଫରେଷ୍ଟଗାର୍ଡ, ସବୁଜବାହିନୀ ପକ୍ଷୀଗଣନାରେ ସାମିଲ ହୋଇଥିଲେ। ପକ୍ଷୀଙ୍କ ଭିତରେ ବଗ, ଶୁଆ, ଗେଣ୍ଡାଳିଆ, ମାଛରଙ୍କା, ସଲରୀ, କଜଳପାତି, ବୁବୁନ, ଉଦରଦଳିଆ ଆଦି ୪୭ ପ୍ରଜାତିର ଦେଶୀ ପକ୍ଷୀ ଓ ୩ ପ୍ରଜାତିର ନୂତନ ବିଦେଶାଗତ ପକ୍ଷୀ ଆସିଥିବା ଜଣାପଡ଼ିଛି। ତେବେ ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ହ୍ରଦ ମଧ୍ୟରେ ଜଳ କମ୍ ଥିବାରୁ ବିଦେଶାଗତ ପକ୍ଷୀ ସଂଖ୍ୟା କମିଥିବା ବନବିଭାଗର ରିପୋର୍ଟରୁ ଜଣାପଡ଼ିଛି। ଅନୁରୂପ ଭାବେ ନୀଳଗିରି ବନ ବିଭାଗ ଅଧୀନ ପଦ୍ମତୋଳାଠାରେ ନୀଳଗିରି ରେଞ୍ଜର ଆଇଶା ଅକତାରି ନିଶାଙ୍କ ନିର୍ଦ୍ଦେଶରେ ଫରେଷ୍ଟର, ଫରେଷ୍ଟଗାର୍ଡ, ସବୁଜବାହିନୀକୁ ନେଇ ପକ୍ଷୀଗଣନା ହୋଇଛି।

**ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ପକ୍ଷୀଗଣନା**

# ସେବାକୁ ବ୍ରତ ଭାବରେ ଗ୍ରହଣ କରିବାକୁ ପରାମର୍ଶ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର ଅଫିସ, ୧୧।୧**

ବାଲେଶ୍ୱର ସହର ବାଲିଆସ୍ଥିତ ବାଣୀଭବନଠାରେ ଆଇଏମ୍ଏସ୍ଆର୍ ବିଏସ୍‌ସି ନର୍ସିଂ ଇନ୍‌ଷ୍ଟିଚ୍ୟୁଟ୍ ତରଫରୁ ତୃତୀୟ ବାର୍ଷିକୀ ସ୍ୱାଗତ ସଭା ବୁଧବାର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ କାର୍ଯ୍ୟକାରୀ ନିର୍ଦ୍ଦେଶକ ସ୍ମୃତିରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ତଥା ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଯୋଗଦେଇ ଚିରାଚରିତ ଭାଷାରେ ଅତି ପ୍ରାଞ୍ଜଳ ଓ ଆକର୍ଷଣୀୟ ଗପ ମାଧ୍ୟମରେ ନର୍ସିଂ ଶିକ୍ଷାର ମୂଳ ଉତ୍ପତ୍ତି ତଥା ବୈଶିଷ୍ଟ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ସତ୍ୟଜିତ ମିଶ୍ର ସେବାର ବିପରୀତ ଅକ୍ଷର ଯେମିତି ବାସେ ସେମିତି ଆଗାମୀ ଦିନରେ ସେବାକୁ ବ୍ରତ ଭାବରେ ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଅତିଥି ଭାବେ ଯାଦବେଶ ମିଶ୍ର ଓ ଆଇନଜୀବୀ ବିଜୟ ପାଣିଗ୍ରାହୀ ଭବିଷ୍ୟତର ଲକ୍ଷ୍ୟ ରଖି ଆଗେଇଲେ ସଫଳତା ମିଳିବ ବୋଲି କହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ କାର୍ଯ୍ୟକାରୀ ନିର୍ଦ୍ଦେଶକ ମହାନ୍ତି ସମସ୍ତ ଅତିଥିଙ୍କୁ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ବିଶିଷ୍ଟ ସାମାଜିକ କର୍ମୀ ମଦନମୋହନ ଦାସମହାପାତ୍ର ପରିଚାଳନାରେ ସହଯୋଗ କରିଥିଲେ।

# ସହାୟତାର ହାତ ବଢ଼ାଇଲା ମାଲିକ ସଂଘ

**ବସ୍ ଧକ୍କାରେ ଛାତ୍ର ଗୁରୁତର ଘଟଣା**

**ବାରିପଦା ଅଫିସ,୧୧।୧**

ବାରିପଦା ସ୍ଥିତ ୧୮ନଂ. ଜାତୀୟ ରାଜପଥର ଜୁବୁଲି ପେଟ୍ରୋଲ ପମ୍ପ ସମ୍ମୁଖରେ ଘଟିଥିବା ଦୁର୍ଘଟଣାରେ ଗୁରୁତର ଆହତଙ୍କ ଚିକିତ୍ସା ନିମନ୍ତେ ମୟୂରଭଞ୍ଜ ବସ ମାଲିକ ସଂଘ ପକ୍ଷରୁ ସହାୟତା ରାଶି ପ୍ରଦାନ କରାଯାଇଛି। ବୁଧବାର ସଂଘ କାର୍ଯ୍ୟାଳୟରେ ଆହତ ଫାର୍ନିଆ ଗ୍ରାମର ତୁଷାର ସିଙ୍କ ମା' ରେଣୁକାଙ୍କୁ ୯୧ ହଜାର ଟଙ୍କା ପ୍ରଦାନ ସହ ଆଶୁ ଆରୋଗ୍ୟ କାମନା କରାଯାଇଛି।

ସୂଚନା ଅନୁଯାୟୀ, ଗତ ଜାନୁୟାରୀ ୧ରେ ବସ୍ ଧକ୍କାରେ ତୁଷାର ଗୁରୁତର ହୋଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ସେ ଗୋଟିଏ ଗୋଡ଼ ହରାଇ ଥିବା ବେଳେ ଅନ୍ୟ ଏକ ଗୋଡ଼ର ଚିକିତ୍ସା ଜାରି ରହିଛି। ସେ ବାରିପଦା ତକତପୁରସ୍ଥିତ ବୈଷୟିକ ଶିକ୍ଷା ଓ ତାଲିମ ଅନୁଷ୍ଠାନର ଶେଷ ବର୍ଷର ଛାତ୍ର। ଭୁବନେଶ୍ୱରସ୍ଥିତ ଘରୋଇ ହସପିଟାଲରେ ଚିକିତ୍ସା ବ୍ୟୟ ବହୁଳ ହୋଇଥିବାରୁ ଏବଂ



ସଂଘ କାର୍ଯ୍ୟାଳୟରେ ଆହତ ତୁଷାରଙ୍କ ମା'ଙ୍କୁ ସହାୟତା ଦିଆଯାଉଛି।

ତୁଷାର ଜଣେ ମେଧାବୀ ଛାତ୍ର ହୋଇଥିବାରୁ ବସ୍ ମାଲିକ ସଂଘ ସହାୟତାର ହାତ ବଢ଼ାଇଛି। ତୁଷାର ଭଲ ହେବା ପରେ ଯଦି ଚାହିଁବେ ତେବେ ମୟୂରଭଞ୍ଜ ବସ ମାଲିକ ସଂଘରେ ତାଙ୍କୁ ନିଯୁକ୍ତି ମଧ୍ୟ ଦିଆଯିବ ବୋଲି ସଂଘର ସାଧାରଣ ସମ୍ପାଦକ ସୁନୀଲ କୁମାର ଦାଶ ପ୍ରତିଶ୍ରୁତି ଦେଇଛନ୍ତି। ସହାୟତା ପ୍ରଦାନ ସମୟରେ ପୂର୍ବତନ ମନ୍ତ୍ରୀ ତଥା ବାଙ୍ଗିରିପୋଷି ବିଧାୟକ ସୁଦାମ ମାରାଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦା, ସଂଘର ସଭାପତି ଅଜୟ କୁମାର ବେହେରା, ସୁରେଶ ଚନ୍ଦ୍ର ସାହୁ, ମୋହନ ଚରଣ ବେହେରା, ଶରତ ଚନ୍ଦ୍ର ବେହେରା, ରାମଚନ୍ଦ୍ର ମହାପାତ୍ର, ଦୁଷ୍ମନ୍ତ ସିଂହ, ନିତ୍ୟାନନ୍ଦ ରଣା, ଅରୁଣ ପଟ୍ଟନାୟକ, ବିନୟ ଗୁପ୍ତା, ଅଜୟ ବାରିକ, ପ୍ରଶାନ୍ତ ବାରିକ, ଦେବାଶିଷ ସେଠୀ ଓ ୫୦ରୁ ଉର୍ଦ୍ଧ୍ୱ ବସ ମାଲିକ ଯୋଗ ଦେଇଥିଲେ। ମୟୂରଭଞ୍ଜ ବସ୍ ମାଲିକ ସଂଘ ତରଫରୁ ନିଆଯାଇଥିବା ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

### ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ 'କାୟାକଳ୍ପ' ଟିମ୍

**ନୀଳଗିରି, ୧୧।୧(ସ୍ୱ.ପ୍ର.)**

ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଯୁକ୍ତ କାୟାକଳ୍ପ ଟିମ୍‌ର ୩ ଜଣିଆ ଡାକ୍ତରୀ ଦଳ ବୁଧବାର ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ବିଭିନ୍ନ ବିଭାଗର କାର୍ଯ୍ୟଶୈଳୀର ଅନୁଧ୍ୟାନ ଓ ସମୀକ୍ଷା କରି ଫେରିଛନ୍ତି। ଏହି ଟିମ୍ ବିଭିନ୍ନ ୱାର୍ଡ଼ ପରିଦର୍ଶନ କରି ରୋଗୀଙ୍କ ସହ ଆଲୋଚନା କରିଥିଲେ। ଏହି ଟିମ୍‌ରେ ଏନ୍ଆରଏଚ୍ଏମ୍‌ର ଆଡ଼ିଶନାଲ ଡାଇରେକ୍ଟର ଟେକ୍ନୋଲୋଜିର ଡା. ନିରୋଦ ସାହୁ, ଆର୍‌ଏମ୍‌ଏନ୍‌ସିଏଚ୍‌ର କନସଲଟାଣ୍ଟ ଡା. ସରୋଜ ପାଣିଗ୍ରାହୀ, କିଟ୍ ରିସର୍ଚ୍ଚ ଆସୋସିଏଟେଡ୍ ଜ୍ୟୋତିପ୍ରକାଶ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଲ ସେନ ଜଗଦେବ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଜିଲା ପ୍ରକଳ୍ପ ପରିଚାଳକ ଡା. ଅନୀଲ ମହାନ୍ତି, ନୀଳଗିରି ମେଡିକାଲର ଏସ୍‌ଡିଏମ୍‌ଓ ଡା. ସରୋଜିନୀ ପ୍ରଧାନ, ଡା. ରାମକୃଷ୍ଣ ସାହୁ, ଡା. ତ୍ରିନାଥ ପାଲ ଓ ଡା. ଶୁଭ୍ରାଂଶୁ ଶେଖର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବିଦ୍ୟାଳୟର ବାର୍ଷିକୋତ୍ସବ




ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

**ବେତନଟୀ,୧୧।୧(ଡି.ଏନ.ଏ.)**

ବେତନଟୀ ସ୍ଥିତ ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଚତୁର୍ଥ ବାର୍ଷିକ ଉତ୍ସବ 'ପ୍ରତ୍ୟାଶା' ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ବେତନଟୀ ଜବାହର ନବୋଦୟ ବିଦ୍ୟାଳୟର ଅଧ୍ୟକ୍ଷ ଡ. ଅମିତାଭ ମିଶ୍ର ଓ ମୁଖ୍ୟବକ୍ତା ଭାବେ ବାରିପଦା ସେଣ୍ଟ ଜାଭିୟର୍ସ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷ ଜେ.ବି. ମହାନ୍ତି ଯୋଗ ଦେଇଥିଲେ। ବିଦ୍ୟାଳୟର ସଭାପତି ଅମିତାଭ ପଟ୍ଟନାୟକ ମଞ୍ଚାସୀନ ଥିବା ବେଳେ ଅଧ୍ୟକ୍ଷ ଜୋନମୋନ ବେହେରା ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ସାଗିମା ଶର୍ମା ଓ ରିତୁ ଶର୍ମା ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ବାର୍ଷିକ ଉତ୍ସବରେ ଶଶାଙ୍କ ଶେଖର ପଣ୍ଡା, ଧରଣୀଧର ମହାନ୍ତ, ରାକେଶ ବିଶ୍ୱାଳ, ହେମନ୍ତ ମହାନ୍ତ, ଉଷାରାଣୀ ବେହେରା, ନିଶିପଦ୍ମ ପରିଡ଼ା, ଯୋଗୀତା ମାରାଣ୍ଡି, ସୁଶ୍ରୀ ପଣ୍ଡା, ନିଳାଦ୍ରୀ ପଣ୍ଡା, ସସ୍ମିତା ଲେଙ୍କା, ମିସ କାଶ୍ମୀର, ତେଜସ୍ୱନୀ, ସ୍ୱାତି, ଇପ୍ସିତା, ଅଞ୍ଜଳି, ବାସନ୍ତୀ, ରୀତା ପ୍ରମୁଖ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅରୁଣ ଦେଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ

**ବାଲେଶ୍ୱର ଅଫିସ, ୧୧।୧**

ବାଲେଶ୍ୱର ସହର ଓଟି ରୋଡ୍‌ରେ ଥିବା ଷ୍ଟେଶନ ଛକ ଓ ପୋଲିସ ଲାଇନ୍ ଛକ ମଧ୍ୟଭାଗ ରାସ୍ତାର ଏକ ପାର୍ଶ୍ୱରେ ପୂର୍ବତନ ବିଧାୟକ ତଥା ବରିଷ୍ଠ ରାଜନେତା ସ୍ୱର୍ଗତ ଅରୁଣ ଦେଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ବୁଧବାର ଅନାବରଣ ହୋଇଛି।

ଅରୁଣ ଦେ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଅନାବରଣ ଉତ୍ସବରେ ପରିଷଦର ସଭାପତି ତଥା ସ୍ୱର୍ଗତ ଅରୁଣ ଦେଙ୍କ ଭଉଣୀ ଡ. ବାସନ୍ତୀ ଦେ ଚକ୍ରବର୍ତ୍ତୀ ସଭାପତିତ୍ୱ କରିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ଜିଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି



ଅରୁଣ ଦେଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଅନାବରଣ କରାଯାଉଛି।

ମିଳିତ ଭାବେ ଉକ୍ତ ମୂର୍ତ୍ତିକୁ ଅନାବରଣ କରିଥିଲେ। ପରିଷଦ ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ବରିଷ୍ଠ ଖବରଦାତା ରଞ୍ଜନ ବାଗ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ଏଥିସହିତ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ପୂର୍ବତନ ପୌରାଧ୍ୟକ୍ଷ ଆଲୋକ ସାହୁ, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ଗୋପୀନାଥ ସେନାପତି, ପେଟ୍ରୋଲ ପମ୍ପ ଆସୋସିଏଶନ ସଭାପତି ପ୍ରଦୀପ ଦାଶ, ବିଜେଡିର ବରିଷ୍ଠ ନେତା ଶତ୍ରୁଘ୍ନ ମଲ୍ଲିକ ପ୍ରମୁଖ ଅରୁଣ ଦେଙ୍କ ସ୍ମୃତିଚାରଣ କରିଥିଲେ।

### ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଭଣ୍ଡାରିପୋଖରୀ,୧୧।୧(ସ୍ୱ.ପ୍ର.)**

ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ଆଦମପୁର ଖେଳ ପଡ଼ିଆଠାରେ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରି ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଖେଳ ଜରୁରୀ ବୋଲି ଖେଳାଳିମାନଙ୍କୁ କହିଥିଲେ। ପ୍ରତିଯୋଗିତାରେ ମୋଟ ୧୬ଗୋଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ମଙ୍ଗୁଳିଆ ସାହି ଓ ପିରିପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଙ୍ଗୁଳିଆ ସାହି ବିଜୟ ଲାଭ କରିଥିଲା। ଉଦ୍‌ଯାପନୀ ଉତ୍ସବରେ ସରପଞ୍ଚ ଅମୂଲ୍ୟ ନାୟକ ଅତିଥି ଭାବେ ଯୋଗଦେଇ ବିଜୟୀ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ବିଜୟ ଖିଲାର, ଅଜିତ ଦାସ,ସନାତନ ପରିଡ଼ା, ଆନନ୍ଦ ଚନ୍ଦ୍ର ଖିଲାର, ଅଶୋକ କୁମାର ପଣ୍ଡା ଉପସ୍ଥିତ ଥିଲେ।

# ଶିକ୍ଷକ ନିଯୁକ୍ତି ପରେ ପାଠପଢ଼ା ସ୍ୱାଭାବିକ

**ବଡ଼କମଣ୍ଡରା ସ୍କୁଲ୍ ଫାଟକରେ ତାଲା ପ୍ରସଙ୍ଗ**

**କେନ୍ଦୁଝର,୧୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ ତେନ୍ତଳାପଶି ପଞ୍ଚାୟତ ବଡ଼କମଣ୍ଡରା ସ୍କୁଲରେ ପାଠପଢ଼ା ସ୍ୱାଭାବିକ ହୋଇଛି। ବର୍ଷାଧିକ ସମୟ ଧରି ଶିକ୍ଷକ ଅଭାବକୁ ନେଇ ଚାଲିଥିବା ଆନ୍ଦୋଳନ ସ୍କୁଲ କମିଟି, ଅଭିଭାବକ, ହରିଚନ୍ଦନପୁର ଶିକ୍ଷା ବିଭାଗ ମଧ୍ୟରେ ଆପୋଶ ଆଲୋଚନା ପରେ ସମାଧାନ ହୋଇଛି। ଅଭିଭାବକଙ୍କ ଦାବି ଅନୁସାରେ ଶିକ୍ଷା ବିଭାଗ ପକ୍ଷରୁ ଜଣେ ଶିକ୍ଷକ ନିଯୁକ୍ତି ଦିଆଯାଇଥିବା ଜଣାପଡ଼ିଛି।

ତେନ୍ତଳାପଶି ସିଆରସି ମାନସ ସେଠୀଙ୍କ ପ୍ରତିଶ୍ରୁତି ମୁତାବକ ହରିଚନ୍ଦନପୁର ଏବିଇଓ ବିକଳ ଚରଣ ସାହୁ ବୁଧବାର ୧୦ଟା ସମୟରେ ବିଦ୍ୟାଳୟରେ ପହଞ୍ଚିଥିଲେ। ପୂର୍ବଥର ସେ ତାଙ୍କ ଲିଖିତ ପ୍ରତିଶ୍ରୁତି ପାଳନ କରି ନ ଥିବାରୁ ଗ୍ରାମବାସୀ ବିରକ୍ତି ପ୍ରକାଶ କରିବା ସହିତ ତିନି ଜଣ ଶିକ୍ଷକ ପାଇଁ ଜିଦ୍ ଧରି ବସିଥିଲେ। ଏବିଇଓ ପୂର୍ବ ଭୁଲ ସ୍ୱୀକାର କରିବା ସହ ନୂତନ ଭାବେ ସ୍ମୃତିରଞ୍ଜନ ସେଠୀଙ୍କୁ ନିଯୁକ୍ତ ନେଇ ସୂଚନା ଦେଇଥିଲେ। ଆଉ ଜଣେ ଶିକ୍ଷକ ନଆସିବା ପର୍ଯ୍ୟନ୍ତ ସେ ସ୍କୁଲ ଛାଡ଼ିବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ସହିତ ଏଥିସହ ଆଉ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ମଧ୍ୟ କହିଥିଲେ। ପରେ ଅଭିଭାବକ ସ୍କୁଲ ଫାଟକ ଖୋଲିଥିଲେ। ପ୍ରକାଶଥାଉକ, ବଡ଼କମଣ୍ଡରା ସ୍କୁଲ୍‌ରେ ୫ ଶ୍ରେଣୀରେ ୧୧୧ ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ବର୍ଷେରୁ ଉର୍ଦ୍ଧ୍ୱ ସମୟ ଜଣେ ଶିକ୍ଷୟିତ୍ରୀରେ ଚାଲିଛି। ଶିକ୍ଷକ ନିଯୁକ୍ତି ଦାବିରେ ଗ୍ରାମବାସୀ ୨୮ ଦିନ ଭିତରେ ୨ ଥର ସ୍କୁଲ ଫାଟକରେ ତାଲା ପକାଇଥିଲେ।

# ଯୋଡ଼ା ଯୁବ ଲେଖକଙ୍କୁ ସମ୍ବର୍ଦ୍ଧନା




ଯୁବ ଲେଖକ ମାନପତ୍ର ଗ୍ରହଣ କରୁଛନ୍ତି।

**ଯୋଡ଼ା,୧୧।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ଯୁବ ଲେଖକ ପୀୟୂଷ ପ୍ରତୀକ ମହାନ୍ତି ପୁରୀରେ ଆୟୋଜିତ ଶ୍ରୀକ୍ଷେତ୍ର ପୁସ୍ତକମେଳାରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଓଡ଼େଶୀ ଅଫ ମିସ ଆପ୍ରିହେନସନ, ଇଂରାଜୀ କବିତା କସ୍ ମସ୍ ଅଫ ୟୁଟୋପିଆ ପାଇଁ ସେ ସମ୍ମାନିତ ହୋଇଛନ୍ତି। ପୂର୍ବରୁ ସେ ରାଇଟର ଇଙ୍କ ଆୱାର୍ଡ଼, ସାହିତ୍ୟ ରତ୍ନ ଆୱାର୍ଡ଼, ଇଙ୍କ କୁଇଲ ହୋଲ୍ଡର ଆୱାର୍ଡ଼, ଆଟେନାର ଆୱାର୍ଡ଼ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ସମ୍ମାନ ପାଇବା ପରେ ତାଙ୍କ ପାଖକୁ ଶୁଭେଚ୍ଛାର ଶୁଅ ଛୁଟୁଛି। ପ୍ରତିକ୍ରିୟାରେ ପୀୟୂଷ କହିଛନ୍ତି, ସେ ବର୍ତ୍ତମାନ ଏସ୍‌ଭି ନିରତାରରେ ଚତୁର୍ଥ ବର୍ଷର ଛାତ୍ର। କରୋନା ଲକ୍‌ଡାଉନ ତାଙ୍କ ପାଇଁ ଲେଖିବାର ସୁଯୋଗ ସୃଷ୍ଟି କରିଥିଲା। ପରେ ଲେଖନୀ ପ୍ରତି ତାଙ୍କର ରୁଚି ବଢ଼ିଥିଲା। ଏହି ଅବସରରେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ, ବରିଷ୍ଠ ସାହିତ୍ୟିକ କୈଳାସ ଚନ୍ଦ୍ର ଟିକାୟତରାୟ, ଶିକ୍ଷାବିତ୍ ପଦ୍ମନାଭ ତ୍ରିପାଠୀ, ସାହିତ୍ୟିକ ବଦ୍ରି ମିଶ୍ର, କବି ତାରା ପ୍ରସାଦ ଶତପଥୀ, ଆର୍ତ୍ତତ୍ରାଣ ସାହୁ, ଶ୍ରୀ ଜଗନ୍ନାଥ ସେବା ପ୍ରତିଷ୍ଠାନ ଫାଉଣ୍ଡେସନର ପର୍ଶୁରାମ ବେହେରା, ସ୍ୱାବଲମ୍ବନର ପ୍ରକାଶକ ରଶ୍ମି ମୟି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

**ଶ୍ରୀକ୍ଷେତ୍ର ପୁସ୍ତକମେଳା**

# ସ୍ଲରି ପାଇପ୍ ଲାଇନ ଟ୍ରେଞ୍ଚ୍ ସାଜିଛି ବିପଦ

**କେନ୍ଦୁଝର,୧୧।୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲାରେ ହାତୀ ମୃତ୍ୟୁ ଚିନ୍ତାଜନକ ହୋଇଛି। ଏହାକୁ ରୋକିବା ପାଇଁ ବନ ବିଭାଗ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ହାତୀମାନଙ୍କ ସୁରକ୍ଷିତ ଯାତାୟାତ ପାଇଁ ବିଭିନ୍ନ ସ୍ଥାନରେ ହାତୀ ଚଲାପଥ ଚିହ୍ନଟ କରାଯାଇଛି। ଉକ୍ତ ସ୍ଥାନଗୁଡ଼ିକରେ ସତର୍କତା ସୂଚନା ଫଳକ ମରାଯାଇଛି। ଏଥିସହ ଅନେକ ସ୍ଥାନରେ ହାତୀ ଯାତାୟାତ ନିମନ୍ତେ ଅଣ୍ଡରପାସ୍ ନିର୍ମାଣ କରାଯାଇଛି। ମାତ୍ର ପାରାଦୀପକୁ ଖଣିଗୁଡ଼ିକରୁ ମାଲ ପରିବହନ ନିମନ୍ତେ ବିଛା ଯାଉଥିବା ସ୍ଲରି ପାଇପ୍ ଲାଇନ୍ ପାଇଁ ଖୋଳାଯାଇଥିବା ଟ୍ରେଞ୍ଚ ହାତୀଙ୍କ ପାଇଁ ବିପଦ ସାଜିଛି। ଫଳରେ ହାତୀ ଅସୁରକ୍ଷିତ ଭାବେ ଯାତାୟାତ କରିବା ସହ ଜନବସତି ମୁହାଁ ହେଉଛନ୍ତି।

ପ୍ରକାଶଯୋଗ୍ୟ, ଏନ୍‌ଏଚ୍ ୨୦ ସଦର ରେଞ୍ଜ ବଡ଼ପଶି ନିକଟ ବିଭିନ୍ନ ସ୍ଥାନରେ ହାତୀ ଗୋଟିଏ ପାଖ ଜଙ୍ଗଲରୁ ଅନ୍ୟ ପାଖକୁ ଯିବା ଆସିବା କରନ୍ତି। ସେସବୁ ସ୍ଥାନରେ ହାତୀପଲ ସୁରକ୍ଷିତ ଯାତାୟାତ ପାଇଁ ବନ ବିଭାଗ ଏକ ପୋଷ୍ଟ ନିର୍ମାଣ କରି କର୍ମଚାରୀ ମୁତୟନ କରିଛି। ହାତୀ ଯାତାୟାତ ନିମନ୍ତେ ଅଣ୍ଡରପାସ୍ ମଧ୍ୟ ନିର୍ମାଣ କରାଯାଇଛି। ଏବେ ଏନ୍‌ଏଚ୍ ୨୦ କଡ଼ରେ ଜଙ୍ଗଲ ମଧ୍ୟରେ ଦୀର୍ଘ କି.ମି. ବ୍ୟାପୀ ସ୍ଲରି ପାଇପ ଲାଇନ ପାଇଁ ବଡ଼ ଟ୍ରେଞ୍ଚ ଖୋଳାଯାଇ ଖୋଲା ଛାଡ଼ି ଦିଆଯାଇଛି। ଫଳରେ ହାତୀପଲ ପାଇଁ ବିପଦ ସୃଷ୍ଟି କରିଛି। ଉକ୍ତ ସ୍ଥାନରେ ଜଙ୍ଗଲ ନଷ୍ଟ କରି ସ୍ଲରି ପାଇପ ବିଛାଯାଉଥିବା ନେଇ ଖବର ପ୍ରକାଶ ପରେ ବନ ବିଭାଗ କାମ ବନ୍ଦ କରିଦେଇଛି। ଫଳରେ କାମ କରୁଥିବା ସଂସ୍ଥା ଉକ୍ତ ସ୍ଥାନରେ ହାତୀ ଚଲାପଥ ଥିବା ଜାଣି ସତ୍ତ୍ୱେ ବିନା ସୁରକ୍ଷା ବ୍ୟବସ୍ଥାରେ ଖୋଳାଯାଇଥିବା ଟ୍ରେଞ୍ଚକୁ ମୁକୁଳା ଛାଡ଼ି ପଳାଇଛି। ଟ୍ରେଞ୍ଚ୍ ଖୋଳାଯାଇଥିବାରୁ ହାତୀପଲ ଜନବସତି ମୁହାଁ ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇବା ସମ୍ଭାବନା ସୃଷ୍ଟି ହେଉଛି ବୋଲି



ହାତୀ ଚଲାପଥ ନିକଟରେ ଖୋଳାଯାଇଥିବା ସ୍ଲରି ପାଇପ୍ ଲାଇନ ଟ୍ରେଞ୍ଚ୍।

**ଅସୁରକ୍ଷିତ ହାତୀ ଚଲାପଥ**

- ଅଘଟଣ ପାଇଁ ସମ୍ପୃକ୍ତ ସଂସ୍ଥା ଦାୟୀ ରହିବେ: ବନ ବିଭାଗ
- ଜନବସତି ମୁହାଁ ହେଉଛନ୍ତି ହାତୀପଲ

ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି। ସେହିପରି ଅଣ୍ଡରପାସ୍ ନିକଟରେ ମଧ୍ୟ ପାଇପ ବିଛା କାମ ଚାଲିଥିବାରୁ ହାତୀ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଉକ୍ତ ଟ୍ରେଞ୍ଚରେ ହାତୀ ପଡ଼ିବାର ଆଶଙ୍କା ଥିବାରୁ ଏହାକୁ ନେଇ ପରିବେଶବିତ୍ ଘୋର ଚିନ୍ତା ବ୍ୟକ୍ତ କରିଛନ୍ତି। ଏନେଇ ବନ ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ରେଞ୍ଜ ଅଧିକାରୀ ବିଜୟ ମହାନ୍ତ କହିଛନ୍ତି, ପାଇପ ବିଛା କାମ ବନ୍ଦ ରହିଛି। ତେବେ ହାତୀ ଚଳପ୍ରଚଳ ଅଞ୍ଚଳ ହୋଇଥିବାରୁ ସୁରକ୍ଷା ବ୍ୟବସ୍ଥା କରିବାକୁ କାମ କରୁଥିବା ସଂସ୍ଥାକୁ କୁହାଯାଇଛି। ନଚେତ୍ ଅଘଟଣ ଘଟିଲେ ସେମାନେ ଦାୟୀ ରହିବେ ବୋଲି ମହାନ୍ତ କହିଥିଲେ।

